# ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ-ଆଇଆଇବିଏଫ୍ ବୁଝାମଣା

ଭୁବନେଶ୍ୱର,୧୬।୮: ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ ବ୍ୟାଙ୍କିଙ୍ଗ ଏଣ୍ଡ ଫାଇନାନ୍ସ(ଆଇଆଇବିଏଫ୍) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ଚୁକ୍ତି ଫଳରେ ଅନୁଷ୍ଠାନର ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କୁ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ବ୍ୟାଙ୍କିଙ୍ଗ୍ ଏଣ୍ଡ ଫାଇନାନ୍ସ(ଆଇଆଇବିଏଫ୍) ଦ୍ୱାରା ପ୍ରଦତ୍ତ ଡିପ୍ଲୋମା ଇନ୍ ବ୍ୟାଙ୍କିଙ୍ଗ୍ ଏଣ୍ଡ ଫାଇନାନ୍ସ୍ କୋର୍ସର ଶିକ୍ଷାଦାନ ପ୍ରଦାନ କରାଯାଇପାରିବ । ଏହି ସହଯୋଗର ସୃଷ୍ଟି ଏକାଡେମୀ ଦ୍ୱାରା ବ୍ୟାଙ୍କିଙ୍ଗ ଏବଂ ଫାଇନାନ୍ସ କ୍ଷେତ୍ରରେ ଡିପ୍ଲୋମା ଡିଗ୍ରୀ ପ୍ରଦାନ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ଅନୁଷ୍ଠାନର ଡିନ୍ ମେଣ୍ଟର




ଡ. ରଞ୍ଜନ କୁମାର ବଳ ପ୍ରକାଶ କରିଛନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ବ୍ୟାଙ୍କିଙ୍ଗ ଏବଂ ଫାଇନାନ୍ସିଆଲ ଅନୁଷ୍ଠାନରେ ନିଯୁକ୍ତିର ସୁଯୋଗ ବଢ଼ିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ଦାସ ମତବ୍ୟକ୍ତ କରିଛନ୍ତି । ଅନୁଷ୍ଠାନର ପ୍ଲେସମେଣ୍ଟ ବିଭାଗର ନିର୍ଦ୍ଦେଶକ ଡ. ଜି.ଡି. ମିଶ୍ର ନିଜ ବକ୍ତବ୍ୟ ରଖି କହିଛନ୍ତି ଯେ, ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନିଯୁକ୍ତିରେ ଅନୁଷ୍ଠାନର ଏକ ନୂଆ ଦିଗନ୍ତ ସୃଷ୍ଟି ହୋଇପାରିଛି ଯାହାଦ୍ୱାରା ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଉଚ୍ଚ ବେତନରେ ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସ କ୍ଷେତ୍ରରେ ନିଯୁକ୍ତି ପାଇବାରେ ସଫଳ ହେବେ । ଏଥିରେ ଆଇଆଇବିଏଫ୍ ଡ. ସୁଧୀର ଗଲାଣ୍ଡେ ଉପସ୍ଥିତ ଥିଲେ ।